# ବନ୍ଦ ରହିବ ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଛାତ୍ରାବାସ ।

ଅନୁଗୋଳ, ୨୦.୦୩ :- ସଂପ୍ରତିକ ପରିସ୍ଥିତିରେ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଂକ ଅନୁସୁଚିତ_ଜନଜାତି ଓ ଅନୁସୁଚିତ_ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ଛାତ୍ରାବାସକୁ ଚଳିତ ମାସ ୨୫ ତାରିଖ ଠାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି ।ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପିଲାମାନଂକର ପିତାମାତା କିମ୍ୱା ଅଭିଭାବକ ମାନଂକୁ ଡକାଇ ସେମାନଂକ ସାଥିରେ ପିଲାମାନଂକୁ ପଠାଇବା ସହ ଏକକାଳିନ ୩ ମାସର ପ୍ରି-ମାଟ୍ରିକ ସ୍କଲାରସିପ୍ ପ୍ରଦାନ କରିବେ । ରାଜ୍ୟ ସରକାରଂକ ଦ୍ୱାରା ଜାରି ହୋଇଥିବା ଏହି ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତ୍ୟେକ ପିତାମାତା/ଅଭିଭାବକ ସେମାନଂକର ପିଲାମାନଂକୁ ୨୫ ଓ ୨୬ ତାରିଖ ସୁଦ୍ଧା ସଂପୃକ୍ତ ବିଦ୍ୟାଳୟରୁ ନେଇଯିବାକୁ କୁହାଯାଇଛି । ଏହା ସହିତ ଛାତ୍ର ଛାତ୍ରୀମାନଂକୁ ପ୍ରଦାନ କରାଯାଉଥିବା ପ୍ରି-ମାଟ୍ରିକ ସ୍କଲାରସିପ୍‌ର ଆଗୁଆ ୩ ମାସର ଅର୍ଥ ସମ୍ପୃକ୍ତ ପ୍ରଧାନ ଶିକ୍ଷକଂକ ଠାରୁ ଗ୍ରହଣ କରିବାକୁ ସମସ୍ତ ପିତାମାତା ଓ ଅଭିଭାବକମାନଂକୁ ଜଣାଇଦିଆଯାଇଛି । ପ୍ରକାଶଥାଉକି, ଏହି ୩ ମାସର ପ୍ରି-ମାଟ୍ରିକ୍ ସ୍କଲାରସିପ୍ ପୁଅପିଲାଙ୍କ ପାଇଁ ୨୨୫୦ ଓ ଝିଅ ପିଲାମାନଙ୍କ ପାଇଁ ୨୪୦୦ ଟଙ୍କା ଆଗୁଆ ସଂପୃକ୍ତ ବିଦ୍ୟାଳୟରୁ ଗ୍ରହଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରାବାସର ବିଦ୍ୟାଳୟ ପରିସରରେ ପିଲା ଓ ସେମାନଂକର ପିତାମାତା ତଥା ଅଭିଭାବକମାନଂକର ଭିଡ ଯେପରି ନ ହୁଏ ଏହି କାର୍ଯ୍ୟର ସୁପରିଚାଳନା ନିମନ୍ତେ ସଂପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଂକୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି । ସେମାନେ ଏହି କାର୍ଯ୍ୟର ତଦାରଖ ନିମନ୍ତେ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ନୋଡାଲ ଅଫିସର ନିୟୋଜିତ କରିବେ । ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ପରିଚାଳନା କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଜିଲ୍ଲା ମଂଗଳ ଅଧିକାରିଣୀ ଚାରୁଲତା ମଲ୍ଲିକଂକୁ ନିର୍ଦ୍ଦେଶ ଦେଇଛନ୍ତି । ଅନୁଗୋଳ ଜିଲ୍ଲାର ୪୪ଟି ଛାତ୍ରାବାସର ୬ହଜାର ୮୫୯ ଜଣ ପିଲାଂକୁ ଛାତ୍ରାବାସ ଛାଡିବା ପୂର୍ବରୁ ସମୁଦାୟ ୧ କୋଟି ୬୧ ଲକ୍ଷ ୨୯ ହଜାର ୫୦୦ ଟଂକା ପ୍ରି-ମାଟ୍ରିକ୍ ସ୍କଲାରସିପ୍ ଭାବେ ପ୍ରଦାନ କରାଯିବ । ଅନୁଗୋଳ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଅର୍ଥ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଂକ ଆକାଉଣ୍ଟରେ ସିଧାସଳଖ ଆସିବ ।